# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 07 January – 2026

**************************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ୨ ହଜାର ୨୦୦ ବିଦ୍ୟାଳୟ ପାଇଁ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ; କହିଲେ ମୁଖ୍ୟମନ୍ତ୍ରୀ

— ୧୧୮ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର କଲେ ଭିତ୍ତିପ୍ରସ୍ତର ସ୍ଥାପନ

- ଦେଶରେ ୨୦୨୫-୨୬ ଆର୍ଥିକବର୍ଷରେ ପ୍ରକୃତ ଜିଡିପି ୭.୪ ପ୍ରତିଶତକୁ ବୃଦ୍ଧି ପାଇବା ନେଇ ଆକଳନ
- ମା’ ଭଗବତୀ ମନ୍ଦିରର ଉନ୍ନତୀକରଣ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଏବଂ

- ଆସନ୍ତା ଏପ୍ରିଲ ପହିଲାରୁ ରାଜ୍ୟରେ ଆରମ୍ଭ ହେବ ପ୍ରଥମ ପର୍ଯ୍ୟାୟ ଜନଗଣନା

# ଆଦର୍ଶ ପ୍ରାଥମିକ ବିଦ୍ୟାଳୟ-ମୁଖ୍ୟମନ୍ତ୍ରୀ

ରାଜ୍ୟର ବିଦ୍ୟାଳୟଗୁଡ଼ିକର ଆଧୁନିକୀକରଣ ସହ ଶିକ୍ଷକମାନଙ୍କ ନିଯୁକ୍ତି ଓ ସେମାନଙ୍କ ଦକ୍ଷତା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଖୋର୍ଦ୍ଧା ବାଣପୁରସ୍ଥିତ ପଲଟଣ ପଡ଼ିଆରେ ଆୟୋଜିତ ୧୧୮ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି, ଆସନ୍ତା ୪ ବର୍ଷ ମଧ୍ୟରେ ରାଜ୍ୟର ଗ୍ରାମପଞ୍ଚାୟତଗୁଡ଼ିକରେ ପ୍ରଥମ ପର୍ଯ୍ୟାୟରେ ୨ ହଜାର ୨୦୦ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହେବ। ଏଥିପାଇଁ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ଶ୍ରୀ ମାଝୀ କହିଛନ୍ତି, ବିଦ୍ୟାଳୟଗୁଡ଼ିକୁ ନୂତନ ରୂପ ଦେବା ସହ ଆଧୁନିକ ଜ୍ଞାନକୌଶଳ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦିଆଯିବ। ଆଧୁନିକ ଶ୍ରେଣୀଗୃହ, ଡିଜିଟାଲ ଉପରକରଣ ଏବଂ କ୍ରୀଡା ଉପକରଣ ଭଳି ସୁବିଧା ଏହି ବିଦ୍ୟାଳୟରେ ରହିବ। ନିପୂଣ ଓଡ଼ିଶା ଅଧୀନରେ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଦକ୍ଷତାକୁ ପ୍ରୋତ୍ସାହିତ କରାଯିବ। ପ୍ରତ୍ୟେକ ପିଲାଙ୍କୁ ତୃତୀୟ ଶ୍ରେଣୀ ସୁଦ୍ଧା ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତାରେ ନିପୂଣ କରିବା ଏହି ବିଦ୍ୟାଳୟର ମୂଳ ଉଦ୍ଦେଶ୍ୟ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ପ୍ରାଥମିକ ଶିକ୍ଷାର ଭିତ୍ତିଭୂମିକୁ ସୁଦୃଢ଼ କରିବା ସରକାରଙ୍କ ମୂଳ ଲକ୍ଷ୍ୟ। ଜାତୀୟ ଶିକ୍ଷାନୀତି ୨୦୨୦ର ସଫଳ ରୂପାୟନ ମାଧ୍ୟମରେ ପ୍ରତ୍ୟେକ

ଛାତ୍ରଛାତ୍ରୀଙ୍କୁ ଜ୍ଞାନ ଓ ଦକ୍ଷତାରେ ନିପୁଣ କରିବାକୁ ସରକାର ସଂକଳ୍ପବଦ୍ଧ। ଏହି ଆଦର୍ଶ ବିଦ୍ୟାଳୟଗୁଡ଼ିକ ୨୦୩୬ ମସିହା ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ କରିବାରେ ମୁଖ୍ୟ ସ୍ତମ୍ଭ ସାଜିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## - V/O -(CM)

## ମୁଖ୍ୟମନ୍ତ୍ରୀ–ମା' ଭଗବତୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧା ଜିଲ୍ଲା ବାଣପୁର ଗସ୍ତ ଅବସରରେ ମା' ଭଗବତୀଙ୍କ ପୀଠର ଉନ୍ନତୀକରଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମନ୍ଦିରର ବିକାଶ ପାଇଁ ବିସ୍ତୃତ ଯୋଜନା ରିପୋର୍ଟ ପ୍ରସ୍ତୁତ ହୋଇ କାର୍ଯ୍ୟ ଆରମ୍ଭ ହୋଇଛି। ମନ୍ଦିରର ସୌନ୍ଦର୍ଯୀକରଣ ପାଇଁ ଆବଶ୍ୟକ ଅର୍ଥ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ଶ୍ରୀ ମାଝୀ କହିଛନ୍ତି।

## ଜି.ଡି.ପି. - ଗ୍ରୋଥ୍

୨୦୨୫–୨୬ ଆର୍ଥିକ ବର୍ଷରେ ବାସ୍ତବ ମୋଟ୍ ଘରୋଇ ଉତ୍ପାଦ–ଜି.ଡି.ପି. ୭ ଦଶମିକ ୪ ପ୍ରତିଶତ ଅଭିବୃଦ୍ଧି ହାସଲ କରିବା ନେଇ ଆକଳନ କରାଯାଇଛି । ଗତ ଆର୍ଥିକ ବର୍ଷରେ ଏହି ହାର ୬ ଦଶମିକ ୫ ପ୍ରତିଶତ ଥିଲା । ମିଳିଥିବା ରିପୋର୍ଟ ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ବାସ୍ତବ ଜି.ଡି.ପି. ୨୦୧ ଲକ୍ଷ କୋଟି ଟଙ୍କା ସ୍ତରରେ ପହଞ୍ଚିବାର ଆକଳନ କରାଯାଇଥିବାବେଳେ ୨୦୨୪–୨୫ ଆର୍ଥିକ ବର୍ଷରେ ଏହାର ଆକଳନ ୧୮୭ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ରହିଥିଲା । ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ରିପୋର୍ଟରେ କୁହାଯାଇଛି, ଆକଳନ କରାଯାଇଥିବା ବାସ୍ତବ

ଅଭିବୃଦ୍ଧି ହାସଲ କରିବା ଦିଗରେ ସେବାକ୍ଷେତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ।

## ଓଡ଼ିଶା ସ୍କିଲସ୍

ଯୁବ ପ୍ରତିଯୋଗୀଙ୍କ ମଧ୍ୟରେ ଶୃଙ୍ଖଳା, ଆତ୍ମବିଶ୍ୱାସ, ସୃଜନଶୀଳତା ଓ ଉତ୍କର୍ଷ ମନୋବୃତ୍ତି ବୃଦ୍ଧି ଦିଗରେ 'ଓଡ଼ିଶା ସ୍କିଲସ୍' ଏକ ମଂଚ ପ୍ରଦାନ କରୁଛି ବୋଲି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ଭୁବନେଶ୍ୱରଠାରେ ଓଡ଼ିଶା ସ୍କିଲସ୍-୨୦୨୫-୨୬ର ଉଦ୍‌ଘାଟନ କରି ଶ୍ରୀ ସ୍ୱାଇଁ କହିଛନ୍ତି, ଦକ୍ଷ ଯୁବପିଢ଼ି ହେଉଛନ୍ତି ବିକଶିତ ଓଡ଼ିଶାର ମୂଳଦୁଆ। ଓଡ଼ିଶା ସ୍କିଲସ୍ ପ୍ରତିଯୋଗିତାରେ ସମଗ୍ର ରାଜ୍ୟର ୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଯୋଗଦେଇ ଶିଳ୍ପର ଆବଶ୍ୟକତା ତଥା ବର୍ଦ୍ଧିତ ପ୍ରଯୁକ୍ତିବିଦ୍ୟା ସହ ୪୯ଟି ଦକ୍ଷତା ବର୍ଗରେ ପ୍ରତିଦ୍ୱନ୍ଦିତା କରୁଛନ୍ତି। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବିଜେତାମାନେ ଜାତୀୟ ସ୍ତରରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ ଏବଂ ପରବର୍ତ୍ତୀ ସମୟରେ ୱାର୍ଲ୍ଡ ସ୍କିଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଚଳିତବର୍ଷ ରାଜ୍ୟର ୧୦ଟି ପ୍ରମୁଖ ସ୍ଥାନରେ ଏହି ପ୍ରତିଯୋଗିତାର ଆୟୋଜନ କରାଯାଉଛି। ଆସନ୍ତା ୯ ତାରିଖରେ ବିଜୟୀ ପ୍ରତିଯୋଗୀଙ୍କ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହେବ।

## ଜନଗଣନା

ରାଜ୍ୟରେ ଆସନ୍ତା ଏପ୍ରିଲ ମାସରୁ ପ୍ରଥମ ପର୍ଯ୍ୟାୟ ଜନଗଣନା ଆରମ୍ଭ ହେବ। ଏ ନେଇ ଭୁବନେଶ୍ୱର ଲୋକସେବା ଭବନଠାରେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ଜନଗଣନା ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ

କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ଘର ଓ ଆସବାବପତ୍ରର ଗଣନା କରାଯିବ। ୨୦୨୭ ମସିହା ଫେବୃୟାରୀ ମାସ ଦ୍ୱିତୀୟ ପର୍ଯ୍ୟାୟରେ ଘରକୁ ଘର ବୁଲି ଜନଗଣନା କରାଯିବ। ଏ ନେଇ ଜନଗଣନା ଅଧିକାରୀ ନିଯୁକ୍ତ ହେବେ ବୋଲି ଶ୍ରୀ କଲ୍ୟାଣ କହିଛନ୍ତି।

ଇଚ୍ଛୁକ ବ୍ୟକ୍ତି ନିଜର ତଥ୍ୟ ୱେବ୍‌ସାଇଟ୍‌ରେ ପଞ୍ଜୀକୃତ କରିପାରିବେ। ସମସ୍ତ ପ୍ରକ୍ରିୟା ମୋବାଇଲ୍ ନମ୍ବରରେ ଓଟିପି ଆଧାରରେ କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀ କଲ୍ୟାଣ କହିଛନ୍ତି।

## ଉଷା ପାଢ଼ୀ

ଭୁବନେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳରେ ପାନୀୟ ଜଳ ନିରାପତ୍ତା ଯୋଜନାର ସମୀକ୍ଷା ବୈଠକ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ବୈଠକରେ ଯୋଗଦେଇ କହିଛନ୍ତି, ଭୁବନେଶ୍ୱରର ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଜନସଂଖ୍ୟା ଏବଂ ଭବିଷ୍ୟତର ସହରାଞ୍ଚଳ ସମ୍ପ୍ରସାରଣକୁ ଦୃଷ୍ଟିରେ ରଖି ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବାକୁ ୱାଟ୍‌କୋକୁ ନିର୍ଦ୍ଦେଶ ଦିଆଯାଇଛି। ୱାଟ୍‌କୋର ପରିଚାଳନା ନିର୍ଦ୍ଦେଶକ ବର୍ତ୍ତମାନର ଜଳଯୋଗାଣ ସ୍ଥିତି, ଚାହିଦା ଯୋଗାଣ ବ୍ୟବଧାନ ଏବଂ ଯୋଜନାବଦ୍ଧ ଭିତ୍ତିଭୂମି ବୃଦ୍ଧି ସମ୍ପର୍କରେ ବୈଠକରେ ଆଲୋଚନା କରିଥିଲେ। ଏହାସହ ଜଳବାୟୁର ପରିବର୍ତ୍ତନ ଏବଂ ଋତୁକାଳୀନ ଅଭାବ ଯୋଗୁଁ ବଢୁଥିବା ଜଳସଙ୍କଟକୁ ଦୃଷ୍ଟିରେ ରଖି ପ୍ରମୁଖ ସଚିବ ଶ୍ରୀମତୀ ପାଢ଼ୀ ସମଗ୍ର ରାଜ୍ୟର ପୌରସଂସ୍ଥାଗୁଡ଼ିକରେ ସର୍ଭେ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଣ୍ଡୁଳି, ପଳାଶୁଣି, ଚନ୍ଦ୍ରଶେଖରପୁର, ନହରକଣ୍ଟା, ଭୁଆଶୁଣିଠାରେ ୬ଟି

ଜଳବିଶୋଧନ କେନ୍ଦ୍ର ମାଧ୍ୟମରେ ଜଳଯୋଗାଣ କରାଯାଉଛି । ଦୀର୍ଘକାଳୀନ ଆବଶ୍ୟକତା ପୂରଣ ନିମନ୍ତେ ଆସନ୍ତା ୬ ମାସ ମଧ୍ୟରେ ୧୩୦ ଏମ୍‌ଏଲ୍‌ଡି ଜଳ ବିଶୋଧନ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବ ବୋଲି ଶ୍ରୀମତୀ ପାଢ଼ୀ କହିଥିଲେ ।

## ଏଡିଜି-ପିଆଇବି

ଆକାଶବାଣୀ, କଟକ ଆଂଚଳିକ ସମ୍ବାଦ ବିଭାଗ ପକ୍ଷରୁ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନରେ ଓଡ଼ିଶାର ଅବଦାନ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ପତ୍ର ସୂଚନା କାର୍ଯ୍ୟାଳୟ ତଥା କେନ୍ଦ୍ରୀୟ ସଂଚାର ବ୍ୟୁରୋ ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଯୋଗଦେଇ କହିଛନ୍ତି, ସମସ୍ତଙ୍କ ସହଭାଗୀତା ଏବଂ ପ୍ରୟାସରେ ବିକଶିତ ଭାରତର ସ୍ୱପ୍ନ ପୂରଣ ହୋଇପାରିବ । ବିକଶିତ ଭାରତ ଗଠନ ଦିଗରେ ଓଡ଼ିଶା ଗ୍ରୋଥ ଇଞ୍ଜିନ ଭାବେ କାର୍ଯ୍ୟ କରିବ । କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ତୃଣମୂଳସ୍ତରରେ ସଠିକ ଭାବେ କାର୍ଯ୍ୟକାରୀ ହୋଇପାରିଲେ ସମୃଦ୍ଧ ଓଡ଼ିଶା ତଥା ବିକଶିତ ଭାରତର ମୂଳଦୁଆ ସ୍ଥାପନ ହୋଇପାରିବ ବୋଲି ଶ୍ରୀ ମିଶ୍ର କହିଛନ୍ତି । କାର୍ଯ୍ୟକ୍ରମରେ ଆଂଚଳିକ ସମ୍ବାଦ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ଜଣ୍ଡିସ୍

ଖୋର୍ଦ୍ଧା ଜିଲ୍ଲା ନବୋଦୟ ବିଦ୍ୟାଳୟରେ ଜଣ୍ଡିସ୍ ବ୍ୟାପିବା ଘଟଣାରେ ନବୋଦୟ ବିଦ୍ୟାଳୟ ସମିତି କମିଶନର ସ୍ଥିତିର ଅନୁଧ୍ୟାନ କରିଛନ୍ତି । ଏହାସହ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ସ୍କୁଲ ଛୁଟି ଘୋଷଣା କରିଛନ୍ତି । ବିଦ୍ୟାଳୟରେ ଏପର୍ଯ୍ୟନ୍ତ ୮୧ ଜଣ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିବା ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି ।

# ଭିତରକନିକା କୁମ୍ଭୀର ଗଣନା

କେନ୍ଦ୍ରାପଡ଼ା ଭିତରକନିକା ଜାତୀୟ ଉଦ୍ୟାନରେ ଆସନ୍ତାକାଲିଠାରୁ କୁମ୍ଭୀର ଗଣନା ଆରମ୍ଭ ହେବ। ଗଣନା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ପର୍ଯ୍ୟଟକଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଛି। ଚଳିତବର୍ଷ ୧୦ ଦିନ ପରିବର୍ତ୍ତେ ୩ ଦିନ ଗଣନା କାର୍ଯ୍ୟ କରାଯିବ। ଗଣନାକାରୀଙ୍କୁ ଆଜି ପ୍ରଶିକ୍ଷଣ ଦିଆଯାଉଛି। ଆସନ୍ତାକାଲି ସେମାନେ ଉଦ୍ୟାନ ମଧ୍ୟକୁ ପ୍ରବେଶ କରିବେ ବୋଲି ରାଜନଗର ବନଖଣ୍ଡ ଅଧିକାରୀ **ଭରତରାଜ ଗାଓଁକର** କହିଛନ୍ତି।

ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ, **ନୟାଗଡ଼** ଅଧୀନରେ ଥିବା ସାତକୋଶିଆ ଗଣ୍ଡରେ ଗତକାଲଠାରୁ କୁମ୍ଭୀର ଗଣନା କାର୍ଯ୍ୟ ଆରମ୍ଭ ହୋଇଛି। ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ବନ୍ୟ ପ୍ରାଣୀ ବିଭାଗର କର୍ମଚାରୀମାନେ ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ କୁମ୍ଭୀର ଗଣନା କରିବେ।

**ଗଞ୍ଜାମ** ଜିଲ୍ଲା ଦିଗପହଣ୍ଡି ବ୍ଲକ୍ ଖମ୍ବାରିଗାଁ ପଞ୍ଚାୟତର ବନବିଭାଗ ଇକୋ-ପାର୍କଠାରେ କୁମ୍ଭୀର ଗଣନା ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି।

ଏଥିରେ ବନପାଳ ଏବଂ ବନରକ୍ଷୀଙ୍କୁ କୁମ୍ଭୀର ଗଣନାର କୌଶଳ ଏବଂ ନୀତିନିୟମ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଛି। ଗତବର୍ଷ ଘୋଡାହାଡ

ଜଳଭଣ୍ଡାରରେ ୬୪ଟି ଏବଂ ଆଖପାଖ ଗ୍ରାମର ପୋଖରୀ ଓ ଜଳାଶୟରେ ୨୩ଟି ଏଭଳି ମୋଟ୍ ୮୭ଟି କୁମ୍ଭୀର ଥିବା ଜଣାପଡିଥିଲା।

ଆସନ୍ତା ୧୭ ଓ ୧୮ ତାରିଖରେ ଏହି ବନଖଣ୍ଡରେ ପକ୍ଷୀଗଣନା କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

**ବୌଦ୍ଧ** ଜିଲ୍ଲା କୁଶଙ୍ଗ ମହାନଦୀ ବନ୍ୟପ୍ରାଣୀ ବନାଞ୍ଚଳ ସାତକୋଶିଆ ଗଣ୍ଡରେ ତିନୋଟି ଟିମ୍ ମାଛ ମରା ଡଙ୍ଗା ସାହାଯ୍ୟରେ ନଦୀ ଭିତରେ କ୍ୟାମେରା ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ କୁମ୍ଭୀର ଗଣନା କରିଛନ୍ତି। ଏହି ଗଣନା କାର୍ଯ୍ୟ ୩ ଦିନ ଧରି ଚାଲିବା ନେଇ ରେଞ୍ଜ ଅଧିକାରୀ ସୂଚନା ଦେଇଛନ୍ତି।

## ଜଳଯୋଗାଣ

**ବୌଦ୍ଧ** ଜିଲ୍ଲାରେ ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ପ୍ରତ୍ୟେକ ଘରକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବ ବୋଲି ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି। କଚେରୀ ପଡିଆଠାରେ ଚାଲିଥିବା ବୌଦ୍ଧ ମହୋତ୍ସବର ଉଦ୍ଯାପନୀ ଦିବସରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି, ଜିଲ୍ଲାରେ ପାନୀୟ ଜଳ ସମସ୍ୟା ଦୂର ପାଇଁ ସରକାରଙ୍କ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯିବ।

## ମାଲ୍ୟବନ୍ତ ମହୋତ୍ସବ

ମାଲ୍ୟବନ୍ତ ମହୋତ୍ସବ-୨୦୨୫ ଆୟୋଜନ ନିମନ୍ତେ **ମାଲକାନଗିରି** ଜିଲ୍ଲା ପରିଷଦ ସଭାଗୃହରେ ଆଜି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମାସ ୧ ତାରିଖରୁ ୫ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବ ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି

କରାଯାଇଛି। ଉତ୍ସବରେ ସିସିଟିଭି ଖଞ୍ଜାଯାଇ ସମସ୍ତ ପ୍ରକାର ଗତିବିଧି ଉପରେ କଡା ନଜର ରଖାଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

## ପାଣି ପଞ୍ଚାୟତ ପକ୍ଷ

**ଭଦ୍ରକ** ଜିଲ୍ଲା ସାଳନ୍ଦୀ କେନାଲ ଡିଭିଜନ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷି ଓ ଜଳସେଚନ ବିଭାଗର ଅଧିକାରୀମାନେ ଯୋଗଦେଇ ଜଳସେଚନ ପ୍ରଣାଳୀରେ ପରିବର୍ତ୍ତନ ଅଣାଯିବା ଏବଂ ଏହାର ବ୍ୟବହାରିକ ଦକ୍ଷତାକୁ ବୃଦ୍ଧି କରିବା ଉପରେ ଆଲୋଚନା କରିଥିଲେ।

## ପିଏମ୍‌ଶ୍ରୀ

**ଢେଙ୍କାନାଳ** ଜିଲ୍ଲା ହିନ୍ଦୋଳ ବ୍ଲକ୍ ପିଏମ୍‌ଶ୍ରୀ ନବପଲ୍ଲୀ ସରକାରୀ ଉଚ୍ଚବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ ଆୟୋଜିତ ହୋଇଯାଇଛି। ବିଧାୟିକା ସୀମାରାଣୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏଭଳି ଉତ୍ସବ ଆୟୋଜନର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ।